# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**1 September– 2026**

---

# ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ

କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଆଜିଠାରୁ ନୂଆଦିଲ୍ଲୀରେ ୨ ଦିନିଆ ଶିଖର ସମ୍ମିଳନୀ ଆରମ୍ଭ ହେବ । ସମ୍ମିଳନୀରେ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟରେ ସମନ୍ୱୟ ରକ୍ଷାକରି ସହଯୋଗ ଦୃଢ଼ କରିବା ନେଇ ବିସ୍ତୃତ ଆଲୋଚନା କରାଯିବ ।  ଏଥିରେ ଜଳ ସଂରକ୍ଷଣ ପ୍ରକଳ୍ପଗୁଡ଼ିକର ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟାନ୍ୱୟନ ଏବଂ ଜନଭାଗିଦାରିତା ଉପରେ ଆଲୋକପାତ କରାଯିବ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆଜିଠାରୁ ୨ ଦିନିଆ ଦିଲ୍ଲୀ ଗସ୍ତରେ ଯିବାର କାର୍ଯ୍ୟସୂଚୀ ରହିଛି । କାର୍ଯ୍ୟକ୍ରମରେ ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ପ୍ରତିନିଧିମାନେ ମଧ୍ୟ ଯୋଗଦେବେ ।

---

# ସୁପ୍ରିମକୋର୍ଟ-ଏସିଡ୍ ଆଟାକ୍

ଏସିଡ୍ ଆକ୍ରମଣ ପୀଡ଼ିତାଙ୍କ ପାଇଁ ୬ ସପ୍ତାହ ମଧ୍ୟରେ ଆବଶ୍ୟକ ପୁନର୍ବାସ ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ସୁପ୍ରିମ୍‌କୋର୍ଟ୍ କେନ୍ଦ୍ର ସରକାର, ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ଯୋଜନା ପ୍ରସ୍ତୁତି ଏବଂ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ପାଇଁ କେନ୍ଦ୍ର ସରକାର ରାଜ୍ୟ ଓ

କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ଆବଶ୍ୟକତା ସହାୟତା ପ୍ରଦାନ କରିବା ଲାଗି ମଧ୍ୟ ସୁପ୍ରିମ୍‌କୋର୍ଟ୍ ପରାମର୍ଶ ଦେଇଛନ୍ତି । ଏକ ମାମଲାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ ପୁନର୍ବାସ ପଦକ୍ଷେପଗୁଡ଼ିକ ମଧ୍ୟରେ କ୍ଷତିପୂରଣ, ଚିକିତ୍ସା ସହାୟତା, ମାଗଣା ଶିକ୍ଷା ତଥା ଥଇଥାନ ବ୍ୟବସ୍ଥା ଅନ୍ତର୍ଭୁକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏସିଡ୍‌ର ଖୁଚୁରା ବିକ୍ରୟକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବା କିମ୍ବା କଠୋର ନୀତିନିୟମ ମାଧ୍ୟମରେ ଏହାକୁ ବିକ୍ରି କରାଯିବା ପ୍ରସଙ୍ଗ ନେଇ କୋର୍ଟ୍ କେନ୍ଦ୍ର ସରକାରଙ୍କଠାରୁ ଜବାବ ଲୋଡ଼ିଛନ୍ତି ।

## ଗଣତିମଣତି

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଅଳଙ୍କାର ଗଣତିମଣତି ଆଜି ମଧ୍ୟ ଜାରି ରହିବ । ଗତକାଲି ଗଣତିମଣତି ଶେଷ ହେବା ପରେ ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି, ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହେଉଥିବା ଝୋବାକଣ୍ଠିର ଗଣତି ପରେ ତାହା ଭଣ୍ଡାର ମେକାପଙ୍କୁ ହସ୍ତାନ୍ତର କରାଯାଇଥିଲା । ଏହା ସହ ଦାନସୂତ୍ରରେ ଆସୁଥିବା ଅଳଙ୍କାରଗୁଡ଼ିକର ତାଲିକା ପ୍ରସ୍ତୁତ କରାଯାଇଥିଲା । ଆସନ୍ତା ଦିନଗୁଡ଼ିକରେ କାଠବାକ୍ସରେ ଥିବା ସାମଗ୍ରୀର ଗଣତିମଣତି କରାଯାଇ ଭିତର ରତ୍ନଭଣ୍ଡାରରେ ରଖାଯିବ ବୋଲି ଡକ୍ଟର ପାଢ଼ୀ କହିଛନ୍ତି ।

**V/O**

..........................................................................

## ସ୍କ୍ରପ୍ ଟାଇଫସ୍

ସ୍କ୍ରପ୍ ଟାଇଫସ୍ ମାମଲାକୁ ନେଇ ଭୟଭୀତ ନ ହେବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି । ବିଭାଗର ସୂଚନା ଅନୁଯାୟୀ, ସ୍କ୍ରପ୍ ଟାଇଫସ୍‌କୁ ନେଇ ନିୟମିତ ଭାବେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ନମୁନା ସଂଗ୍ରହ କରାଯାଉଛି । ପରିସ୍ଥିତି ଉପରେ ନଜର ରଖାଯାଇ ନିୟମିତ ନିରୀକ୍ଷଣ ବ୍ୟବସ୍ଥା କରାଯାଇଛି । ତେବେ ନିଜ ଆଖପାଖ ପରିବେଶକୁ ପରିଷ୍କାର ଓ ସ୍ୱଚ୍ଛ ରଖିବା ସହ ଘଞ୍ଚ ଜଙ୍ଗଲ, ବୁଦା ଓ ଅଧିକ ଘାସ ଥିବା ସ୍ଥାନକୁ ଯିବା ସମୟରେ ସତର୍କ ରହିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।

## ଲଟେରୀ ନାମଲେଖା

ଶିକ୍ଷା ଅଧିକାର ଆଇନ ଅଧୀନରେ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ଲଟେରୀ ମାଧ୍ୟମରେ ଚୟନ ହେଉଥିବା ଛାତ୍ରଛାତ୍ରୀମାନଙ୍କ ଆଜିଠାରୁ ନାମଲେଖା ଆରମ୍ଭ ହେବ । ପାରଦର୍ଶୀ ପୋର୍ଟାଲ ଜରିଆରେ ୯ଶହ ଅଣାନବେଟି ଆବେଦନ ମଧ୍ୟରୁ ଲଟେରୀ ମାଧ୍ୟମରେ ୫୦୧ ଜଣ ଛାତ୍ରଛାତ୍ରୀଙ୍କୁ ନାମଲେଖାଇବା ଲାଗି ଲଟେରୀ ମାଧ୍ୟମରେ ଚୟନ କରାଯାଇଛି । ଏହି ନାମଲେଖା ସଂପୂର୍ଣ୍ଣ ନିଃଶୁଳ୍କ ଓ ଏଥିପାଇଁ ବେସରକାରୀ ବିଦ୍ୟାଳୟଗୁଡ଼ିକ କୌଣସି ଅର୍ଥ ନେଇପାରିବେ ନାହିଁ । ଏହି ନାମଲେଖା ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ଫି’ ଛାଡ଼

ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଗରିବ ଛାତ୍ରଛାତ୍ରୀଙ୍କୁ ସରକାରୀ ମେଡ଼ିକାଲ ଓ ଇଂଜିନିୟରିଂ କଲେଜରେ ନାମଲେଖା ଓ ଏହାର ୬ ମାସ ପର୍ଯ୍ୟନ୍ତ କୌଣସି ଫି’ ଜମା କରିବାକୁ ପଡ଼ିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି । ରାଜ୍ୟରେ ଥିବା ସରକାରୀ ମେଡ଼ିକାଲ ଓ ଇଂଜିନିୟରିଂ କଲେଜ କ୍ଷେତ୍ରରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଛି ।

## ଶକ୍ତି ସମ୍ମିଳନୀ

ଜାତୀୟ ମହିଳା କମିଶନ ଏବଂ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଆଜିଠାରୁ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ପ୍ରଥମ ଶକ୍ତି ସମ୍ମିଳନୀ ରାଜ୍ୟ ଡବ୍ଲୁସିଡି ନେତୃତ୍ୱ ସମ୍ମିଳନୀ ଆୟୋଜିତ ହେବ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବେ । ‘ସମନ୍ୱୟ, ସମ୍ବାଦ, ସଂକଳ୍ପ ଓ ସମାଧାନ’ ଶୀର୍ଷକକୁ ନେଇ ଅନୁଷ୍ଠିତ ହେବାକୁ ଥିବା ସମ୍ମିଳନୀରେ ୨୫ଟି ରାଜ୍ୟର ଅଂଶୀଦାରମାନେ ଯୋଗଦେବେ ।

## ଇନ୍‌ପୁଟ୍ ସହାୟତା

ଚଳିତ ବନ୍ୟାରେ ପ୍ରଭାବିତ ଚାଷୀମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ୟାକେଜ୍ ଜରିଆରେ କୃଷି ଇନ୍‌ପୁଟ୍ ସହାୟତା ପ୍ରଦାନ କରାଯିବ । ସୂଚନା ଅନୁଯାୟୀ ଅଣଜଳସେଚିତ ୩୩ ପ୍ରତିଶତରୁ ଅଧିକ ଫସଲ କ୍ଷତି

ହୋଇଥିବା ଚାଷୀମାନଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ ୮ ହଜାର ୫୦୦ ଟଙ୍କା, ଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୧୭ ହଜାର ଟଙ୍କା ଓ ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨ ହଜାର ୫୦୦ ଟଙ୍କା ସହାୟତା ଅର୍ଥ ପ୍ରଦାନ କରାଯିବ । ବନ୍ୟା ପରବର୍ତ୍ତୀ ଫସଲର ରୋଗପୋକ ପରିଚାଳନା ପାଇଁ କୀଟନାଶକ କ୍ରୟ ନିମନ୍ତେ ୭୫ ପ୍ରତିଶତ ସବ୍‌ସିଡି ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି ।

# ଲଟେରୀ ନାମଲେଖା

ଶିକ୍ଷା ଅଧିକାର ଆଇନ ଅଧୀନରେ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ଲଟେରୀ ମାଧ୍ୟମରେ ଚୟନ ହେଉଥିବା ଛାତ୍ରଛାତ୍ରୀମାନଙ୍କ ଆଜିଠାରୁ ନାମଲେଖା ଆରମ୍ଭ ହେବ । ପାରଦର୍ଶୀ ପୋର୍ଟାଲ ଜରିଆରେ ୯ଶହ ଅଣାନବେଟି ଆବେଦନ ମଧ୍ୟରୁ ଲଟେରୀ ମାଧ୍ୟମରେ ୫୦୧ ଜଣ ଛାତ୍ରଛାତ୍ରୀଙ୍କୁ ନାମଲେଖାଇବା ଲାଗି ଲଟେରୀ ମାଧ୍ୟମରେ ଚୟନ କରାଯାଇଛି । ଏହି ନାମଲେଖା ସଂପୂର୍ଣ୍ଣ ନିଃଶୁଳ୍କ ଓ ଏଥିପାଇଁ ବେସରକାରୀ ବିଦ୍ୟାଳୟଗୁଡ଼ିକ କୌଣସି ଅର୍ଥ ନେଇପାରିବେ ନାହିଁ । ଏହି ନାମଲେଖା ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ ।

# ପାଣିପାଗ

ଉତ୍ତର-ପଶ୍ଚିମବଙ୍ଗ ଓ ଉତ୍ତର ଉପକୂଳ ଓଡ଼ିଶା ତଥା ଉତ୍ତର ପଶ୍ଚିମ ବଙ୍ଗୋପସାଗର ସଂଲଗ୍ନ ଅଞ୍ଚଳରେ ସ୍ୱଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ର ସକ୍ରୀୟ ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅତିପ୍ରବଳ ବର୍ଷା ହେବା ନେଇ

ବରଗଡ଼ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ୧୭ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ।

---